ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
ବଜେଟ – ୨୦୨୩ -୨୪

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ୍ **୨୬ ହଜାର ୩ ଶହ ୧୧ କୋଟି ୯୫ ଲକ୍ଷ ଟଙ୍କା** ବ୍ୟୟ ଅଟକଳ ହୋଇଛି । ତନ୍ମଧ୍ୟରୁ ୨୦ ହଜାର ୮ଶହ ୫୨ କୋଟି ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦରେ ଏବଂ ୬୪୦ କୋଟି ୬୫ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ବାବଦରେ ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି । ପୁନଶ୍ଚ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୧ସହ ୧୯ କୋଟି ୧୫ ଲକ୍ଷ ଟଙ୍କା  ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୭ ଶହ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

## ୧. <u>ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)</u>

ଏହି ଯୋଜନାରେ ପକ୍କାଗୃହ ନିର୍ମାଣ ସହାୟତା ରାଶି ଅନ୍ତର୍ଭୁକ୍ତ ବା IAP ଜିଲ୍ଲାମାନଙ୍କ ପାଇଁ ୧.୩ ଲକ୍ଷ ଟଙ୍କା ହୋଇଥିବା ସ୍ଥଳେ ଅଣ ସମନ୍ୱିତ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ବା Non-IAP ଜିଲ୍ଲାମାନଙ୍କରେ ୧.୨ ଲକ୍ଷ ଟଙ୍କା ଅଟେ I

୨୦୧୬-୧୭ ଆର୍ଥିକ ବର୍ଷରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ମୋଟ ୧୭,୧୧,୨୮୫ଟି ବାସଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ **୫ ହଜାର ୯ ଶହ ୩୩ କୋଟି ୭୦ ଲକ୍ଷ ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ଏବଂ ୯,୫୯,୫୧୮ ଟି ନୂତନ ବାସଗୃହ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଇଛି  ।

## <u>ବିଜୁ ପକ୍କା ଘର ଯୋଜନା</u>

ବିଜୁ ପକ୍କା ଘର ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ କାର୍ଯ୍ୟକାରୀ ହେଉଥିବା ଯୋଜନା I ଏହି ଯୋଜନାରେ କଚ୍ଚା ଘରେ ବସବାସ କରୁଥିବା ନିମ୍ନ ବର୍ଗର ଯୋଗ୍ୟ ପରିବାରଙ୍କୁ ୨୫ ବର୍ଗ ମିଟର ବିଶିଷ୍ଟ ପକ୍କା ଘର ନିର୍ମାଣ କରିବା ପାଇଁ

ଗୃହ ମଞ୍ଜୁର କରାଯାଇଥାଏ I ପ୍ରାକୃତିକ/ ମନୁଷ୍ୟକୃତ ଦୁର୍ବିପାକ ଯେପରିକି- ଘରପୋଡି, ବନ୍ୟା, ବାତ୍ୟା, ଭୂମିକମ୍ପ, ହାତୀ ଉପଦ୍ରବ, ଗୋଷ୍ଠୀ କନ୍ଦଳ, କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ହେତୁ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମୀଣ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ଏହି ଯୋଜନାର ଲକ୍ଷ । ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅନ୍ତର୍ଗତ ସମସ୍ତ ଯୋଜନାରେ ୪ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରୁଥିବା ହିତାଧିକାରୀଙ୍କୁ ଯଥାକ୍ରମେ ଟ. ୨୦,୦୦୦/- ଓ ଟ. ୧୦,୦୦୦/- ର ପ୍ରୋତ୍ସାହନ ରାଶି ରାଜ୍ୟ ପାଣ୍ଠିରୁ ପ୍ରଦାନ କରାଯାଉଛି I ଅଦ୍ୟାବଧି ୮ଲକ୍ଷ ୨୦ ହଜାର ୨୩୨ପରିବାରଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଯେକୌଣସି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ କରିଥିବା ପରିବାରଙ୍କୁ ଘର ମରାମତି ନିମନ୍ତେ ରାଜ୍ୟ ପାଣ୍ଠିରୁ ଗୋଟିଏ ପରିବାର ପିଛା ୩୦୦୦ ଟଙ୍କା ପ୍ରଦାନ କରାଯାଉଛି । ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨୭ ଲକ୍ଷ ୨୭ ହଜାର ପରିବାରଙ୍କୁ ମରାମତି ଅର୍ଥ ପ୍ରଦାନ କରାଯାଇଛି ।

ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ବିଜୁ ପକ୍କା ଘର ଯୋଜନାରେ **୪୮୬ କୋଟି ୯୦ଲକ୍ଷ** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ।

**୨. <u>ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା</u>:**

ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ MGNREGA ଗୋଟେ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି କରିବାର ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ସେମାନଙ୍କ ଜୀବନ ଜୀବିକା କୁ ସୁଦୃଢ କରିବା ପାଇଁ ଦୀର୍ଘସ୍ଥାୟୀ ସମ୍ପତି ମଧ୍ୟ ସୃଷ୍ଟି କରିଥାଏ ।

ଆର୍ଥିକ ବର୍ଷ ୨୦୨୨ – ୨୩ ପର୍ଯ୍ୟନ୍ତ ୩୨.୨୦ଲକ୍ଷ ପରିବାରକୁ ୧୭.୬୩ କୋଟି ଶ୍ରମଦିବସ ଦ୍ୱାରା ରୋଜଗାର ଯୋଗାଇ ଦିଆ ଯାଇଅଛି ଏବଂ ୪,୨୭,୮୧୬ ଗୋଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ କରାଯାଇଛି ।

ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ MGNREGS ଯୋଜନାରେ **୧୮୦୦ କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଅଛି ଏବଂ ରାଜ୍ୟ ସରକାର

୨୦ କୋଟି ଶ୍ରମଦିବସ ସୃଷ୍ଟି କରିବାକୁ ଏବଂ ୧୬ ଲକ୍ଷ ପ୍ରକଳ୍ପ କରିବାକୁ ଲକ୍ଷ୍ୟ ରଖିଛନ୍ତି|

**State Support to MGNREGS** ଯୋଜନାରେ ରାଜ୍ୟର ୪ ଟି ଜିଲ୍ଲା ଯଥା ବରଗଡ, ବଲାଙ୍ଗିର , କଳାହାଣ୍ଡି , ନୂଆପଡାର ୨୦ଟି ଦାଦନ ପ୍ରବଣ ବ୍ଲକରେ ସ୍ଥିରକୃତ ୧୦୦ ଦିନର କାମ ବ୍ୟତୀତ ଅତିରିକ୍ତ ୨୦୦ ଦିନର ବାର୍ଷିକ କାର୍ଯ୍ୟ ପ୍ରତି ପରିବାରକୁ ଦେବା ପାଇଁ ଥିବା ସ୍ୱତନ୍ତ୍ର ପ୍ୟାକେଜକୁ ଜାରି ରଖା ଯିବ । ଏହି ସ୍ୱତନ୍ତ୍ର ପ୍ୟାକେଜକୁ ଆଉ ୧୦ଟି ବ୍ଲକକୁ ବଢେଇବାର ଯୋଜନା କରାଯାଉଛି । ଏତଦବ୍ୟତୀତ ଆର୍ଥିକ ବର୍ଷ ୨୦୨୨ – ୨୩ରେ ବରଗଡ଼, ବଲାଙ୍ଗିର , ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ୨.୭୬ଲକ୍ଷ ପରିବାରକୁ ୧କୋଟି ୯୪ଶ୍ରମ ଦିବସ ଯୋଗାଇ ଦିଆଯାଇଅଛି । ତନ୍ମଧ୍ୟରୁ ୬୮,୮୫୨ ପରିବାରଙ୍କୁ ୧୦୦ ଦିନର, ୧୪,୮୮୩ ପରିବାରଙ୍କୁ ୨୦୦ ଦିନର ଓ ୬୫୮ଗୋଟି ପରିବାରଙ୍କୁ ୩୦୦ ଦିନର କାମ ଯୋଗାଇଦିଆ ଯାଇଛି । **୨୦୨୩-୨୪** ଆର୍ଥିକ ବର୍ଷରେ ଏହି ଯୋଜନାରେ **୫୦୦ କୋଟି** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।

**୩. <u>ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା</u>:**

ଗ୍ରାମାଞ୍ଚଳର ୧୮-୩୫ ବର୍ଗ ବୟସର ଗରିବ ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ କରାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଆର୍ଥିକ ବର୍ଷ ୨୦୨୨-୨୩ ରେ ୧୫,୩୧୬ ଯୁବକ ଯୁବତୀଙ୍କୁ ତାଲିମ ଦିଆଯାଇଛି ଯେଉଁଥିରୁ ୯,୭୦୭ ଜଣଙ୍କୁ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ ଯୋଗାଇ ଦିଆଯାଇଛି ।

ଆର୍ଥିକ ବର୍ଷ ୨୦୨୩ -୨୪ ନିମନ୍ତେ ଏହି ଯୋଜନାରେ **୧୮୯ କୋଟି ୮୩ ଲକ୍ଷ ଟଙ୍କା** ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି । ଚଳିତ ବର୍ଷ ପାଇଁ ସମ୍ଭାବ୍ୟ ୨୫,୦୦୦ ଯୁବକ ଯୁବତୀଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖାଯାଇଛି ।

ନୂତନ ଯୋଜନା "**Implementation Support to ORMAS**"ର ବ୍ଲକ ସ୍ତରରେ ଗ୍ରାମ୍ୟ ପ୍ରଦର୍ଶନୀ, ଗ୍ରାମ୍ୟ ଦ୍ରବ୍ୟ ପାଇଁ ପ୍ୟାକେଜିଙ୍ଗ ୟୁନିଟ ପ୍ରତିଷ୍ଠାନ, କ୍ରେତା ଓ ଅନ୍ୟାନ୍ୟ ଭାଗୀଦାରଙ୍କୁ ସଂଯୋଗୀକରଣ କରିବା ଏହାର ଉଦ୍ଦେଶ୍ୟ । ଏହି ଯୋଜନାରେ ୫୦୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ସଂଘ ଇତ୍ୟାଦିଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଦିବ୍ୟାଙ୍ଗ, ତୃତୀୟଲିଙ୍ଗ, ସଂଖ୍ୟାଲଘୁ ମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଆର୍ଥିକ ବର୍ଷ **୨୦୨୩ -୨୪** ନିମନ୍ତେ ଏହି ଯୋଜନାରେ **୨୫ କୋଟିର** ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।

## <u>୪. ଗ୍ରାମୀଣ ଜଳଯୋଗାଣ ଓ ପରିମଳ</u> :

ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ପରିବାରକୁ ୨୦୨୪ ସୁଦ୍ଧା ସ୍ୱଚ୍ଛ ତଥା ନିରାପଦ ପାନୀୟ ଜଳ ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ । ରାଜ୍ୟର ଗ୍ରାମାଞ୍ଚଳରେ ଆଜି ସୁଦ୍ଧା ୪,୭୭,୭୦୨ ଗୋଟି ନଳକୂପ ତଥା ପରିମଳ କୂପ ସ୍ଥାପନ ଏବଂ ୧୩,୯୭୯ ଗୋଟି ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ରାଜ୍ୟରେ ଅଦ୍ୟାବଧି ୧୩,୦୩୧ ଗୋଟି ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଅଛି ।

୨୦୨୨ -୨୩ ଆର୍ଥିକ ବର୍ଷରେ ୧୭,୭୩,୨୪୪ ଗ୍ରାମୀଣ ପରିବାରଙ୍କୁ ଟ୍ୟାପ ସଂଯୋଗୀକରଣ କରାଯାଇ ପାଇପ ଜଳଯୋଗାଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଅଦ୍ୟାବଧି ରାଜ୍ୟର ୫୧,୬୫,୪୩୦ ଗ୍ରାମୀଣ ପରିବାରଙ୍କୁ ଟ୍ୟାପ ସଂଯୋଗୀକରଣ କରାଯାଇ ପିଇବା ପାଣି ଦିଆଯାଉଅଛି ।

ଏତଦ ବ୍ୟତୀତ ୨୦୭ ଗୋଟି ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି । ଏଥି ମଧ୍ୟରୁ ୧୨ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ

ହୋଇଅଛି, ୧୬୫ ଗୋଟି ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି ଏବଂ ଅବଶିଷ୍ଟ ୩୦ଗୋଟି ପ୍ରକଳ୍ପ ଗୁଡିକ ଟେଣ୍ଡର ଆହ୍ୱାନ ସ୍ତରରେ ଅଛି । ୨୦୨୨-୨୩ରେ ପ୍ରସ୍ତାବିତ ୭୧୬୨ ଗୋଟି ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୧୭୧୦ ଗୋଟି ସ୍ଥାପନ କରାଯାଇଛି ।

ଏହି କ୍ରମରେ ୨୦୨୩ -୨୪ ବର୍ଷ ପାଇଁ **ଜଳ ଜୀବନ ମିଶନ ପାଇଁ ୫୭୫୦କୋଟି**, **ବସୁଧା ପାଇଁ ୩୭୫୦.୦୦କୋଟି** ଏବଂ **ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର.ଆଇ.ଡି.ଏଫ) ନିମନ୍ତେ ୧୦୦୦.୦୦** କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## **<u>୫. ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିଯାନ</u>**

ଏହି ଯୋଜନାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟ କରାଯାଉଛି । ଅଦ୍ୟାବଧି ୮୫୩ ଜଣ ଜିଲ୍ଲା ପରିଷଦ ସଦସ୍ୟ ୬,୭୯୪ ଜଣ ପଞ୍ଚାୟତ ସମ୍ମିତି ସଦସ୍ୟ ୬,୭୯୪ ଜଣ ସରପଞ୍ଚ ପ୍ରାରମ୍ଭିକ ପ୍ରଶିକ୍ଷଣ ନେଇ ସାରିଥିବା ବେଳେ ୯୨,୩୧୨ ଜଣ ୱାର୍ଡ ସଦସ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଆର୍ଥିକ ୨୦୨୩ -୨୪ ବର୍ଷ ନିମନ୍ତେ **ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିଯାନ** (RGSA) ପାଇଁ **୭୦ କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି ।

ପ୍ରଥମଥର ପାଇଁ **ବନ ସୁରକ୍ଷା ସମିତି** (VSS Building) ନିମନ୍ତେ ଅଣଆବାସିକ କୋଠାବାଡି ନିର୍ମାଣପାଇଁ ୨୦୨୩ -୨୪ ବର୍ଷରେ **୨୫୦ କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି ।

## **୬. <u>ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ</u>**

ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ସଶକ୍ତିକରଣ ନିମନ୍ତେ ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା

ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ଅନୁଦାନ ଆବଦ୍ଧ ଓ ) ଅନାବଦ୍ଧ ) ରାଜ୍ୟରଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମଧ୍ୟରେ ୭୦:୨୦:୧୦ ଅନୁପାତରେ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

**୨୦୨୩-୨୪** ଆର୍ଥିକ ବର୍ଷରେ **ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ** ଆୟୋଗ ଅଧୀନରେ **୨ ହଜାର ୧ଶହ ୧୯କୋଟି ୧୫ ଲକ୍ଷ ଟଙ୍କା** ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି । ତନ୍ମଧ୍ୟରୁ **୧୭୪୭ କୋଟି ଆବଦ୍ଧ ଓ ଅନାବଦ୍ଧ ପାଣ୍ଠି** ଏବଂ **୩୭୨ କୋଟି ୧୫ ଲକ୍ଷ** ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ **ସ୍ୱାସ୍ଥ୍ୟ ସହାୟତା** ଅନୁଦାନ ଜିଲ୍ଲା ପରିଷଦ ଓ OSH(ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ) & FWS( ପରିବାର କଲ୍ୟାଣ ସମାଜ) କୁ ପ୍ରଦାନ ପାଇଁ ବ୍ୟୟ ବରାଦ କରାଯାଇଛି ।

## <u>୭. ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ</u>

2022-23 ଆର୍ଥିକ ବର୍ଷରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତି ସୃଷ୍ଟି ନିମନ୍ତେ ୧୧୦୩ ଗୋଟି ପ୍ରକଳ୍ପ, ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ ନିମନ୍ତେ ୧୮୬୧ ଗୋଟି ପ୍ରକଳ୍ପ, ଗ୍ରାମ୍ୟ ହାଟ ଉନ୍ନତିକରଣ ନିମନ୍ତେ ୪୯୭ ଗୋଟି ପ୍ରକଳ୍ପ, ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା ନିମନ୍ତେ ୧୦୯୯ ଗୋଟି ପ୍ରକଳ୍ପ, ପୁଞ୍ଜି ସମ୍ପତି ରକ୍ଷଣାବେକ୍ଷଣ ନିମନ୍ତେ ୧୩୫୫ ଗୋଟି ପ୍ରକଳ୍ପ, ଜଳ ବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ ନିମନ୍ତେ ୩୦୯ ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଅନୁମୋଦନ କରାଯାଇଥିଲା ।

**୨୦୨୩-୨୪** ଆର୍ଥିକ ବର୍ଷରେ **ପଞ୍ଚମ ରାଜ୍ୟ ଅର୍ଥ** ଆୟୋଗ ଅଧୀନରେ **୨ ହଜାର ୭ଶହ କୋଟି ୧୫ ଲକ୍ଷ ଟଙ୍କା** ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ହସ୍ତାନ୍ତରଣ ପାଣ୍ଠି ):**

୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ୬୦: ୩୦: ୧୦ ଅନୁପାତରେ ଯଥାକ୍ରମେ **ଗ୍ରାମ ପଞ୍ଚାୟତ (୫୪୯.୦୫ କୋଟି** ), **ପଞ୍ଚାୟତ ସମିତି (୨୭୪.୫୩ କୋଟି)** ଓ **ଜିଲ୍ଲା ପରିଷଦକୁ (୯୧.୫୧ କୋଟି)** ହସ୍ତାନ୍ତରଣ ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି । ରାଜ୍ୟର ଅନୁସୂଚିତ ଜନଜାତି ବହୁଳ ଗ୍ରାମପଞ୍ଚାୟତ ମାନଙ୍କୁ ୨୫ ପ୍ରତିଶତ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି । ଏହି ଅନୁଦାନ ଆବଶ୍ୟକତା ଅନୁସାରେ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ ଗୁଡିକରେ ବିନିଯୋଗ କରାଯିବ । ଗ୍ରାମାଞ୍ଚଳରେ ଆବଶ୍ୟକତା ଅନୁଯାଇ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏହି ହସ୍ତାନ୍ତରିକରଣ ଅର୍ଥ ବିନିଯୋଗ କରାଯାଇପାରିବ ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଶୁଳ୍କ ସମର୍ପଣ):**

୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କର ପାରିତୋଷିକ, ବୈଠକି ଭତ୍ତା, ଦୈନିକ ଭତ୍ତା ପ୍ରଦାନ ନିମନ୍ତେ **୮୩ କୋଟି** ଅର୍ଥ ପ୍ରଦାନ କରାଯାଇଛି ଏବଂ **୭୩୬.୯୦ କୋଟି ବେତନ ଓ ପ୍ରଶାସନିକ ଖର୍ଚ୍ଚ** ନିମନ୍ତେ ବ୍ୟୟ ବରାଦ କରାଯାଇଛି ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ସହାୟକ ଅନୁଦାନ :୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ବଜେଟ ପାଇଁ ପ୍ରସ୍ତାବ ରଖାଯାଇଛି ।**

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସହାୟକ ଅନୁଦାନ – ୯୬୫.୧୬ କୋଟି ଟଙ୍କା

1. ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (out of M.V tax)- ୧୧୭.୩୪ କୋଟି ଟଙ୍କା
2. ରାସ୍ତା ଆଲୋକିକରଣ– ୫୬.୬୭ କୋଟି ଟଙ୍କା
3. ପୁଞ୍ଜି ସମ୍ପତି ରକ୍ଷଣାବେକ୍ଷଣ – ୫୮.୩୩ କୋଟି ଟଙ୍କା
4. ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତି ସୃଷ୍ଟି – ୧୪୧.୬୭ କୋଟି ଟଙ୍କା
5. ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା – ୧୧୩.୩୦ କୋଟି ଟଙ୍କା
6. ଜଳବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ – ୨୦.୮୩ କୋଟି ଟଙ୍କା
7. ନିରାପଦ ପାନୀୟ ଜଳ ଯୋଗାଣ —୧୨୫ କୋଟି ଟଙ୍କା
8. ନଳକୂପ ପଦ୍ଧତି (ସୌର ଶକ୍ତି ) – ୪୧.୬୭ କୋଟି ଟଙ୍କା
9. ସବୁଦିନିଆ ପାଣିପାଗ ସଂଯୋଗୀକରଣ – ୯୭.୬୯ କୋଟି ଟଙ୍କା
10. ଗ୍ରାମୀଣ ହାଟ ଉନ୍ନତିକରଣ – ୫୦ କୋଟି ଟଙ୍କା
11. ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ – ୫୨.୩୩ କୋଟି ଟଙ୍କା
12. ପ୍ରୋତ୍ସାହନ ପ୍ରଦାନ- ୩୨ କୋଟି ଟଙ୍କା
13. ଅଭିନବ କାର୍ଯ୍ୟପଦ୍ଧତି -୧୨.୫୦କୋଟି ଟଙ୍କା
14. ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ସହରାଞ୍ଚଳ ନିକାୟ ସଂସ୍ଥା ଗୁଡିକ ପାଇଁ ଜିଲ୍ଲାସ୍ତରୀୟ ଡାଟା କେନ୍ଦ୍ର ସୃଷ୍ଟି-୨୫ କୋଟି ଟଙ୍କା
15. ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ବ୍ୟାଙ୍କିଙ୍ଗ ନିମିତ୍ତ ଭିତ୍ତିଭୂମି ପ୍ରତିଷ୍ଠା – ୨୦.୮୩ କୋଟି ଟଙ୍କା

ଅଧିକନ୍ତୁ , ୨୦୨୩-୨୪ ଆର୍ଥିକ ବର୍ଷରେ ନିମ୍ନଲିଖିତ ଅର୍ଥ ରାଶି ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।

- ଆବାସିକ କୋଠାବାଡି ନିର୍ମାଣ - ୨୪ କୋଟି ଟଙ୍କା
- ଅଣ-ଆବାସିକ କୋଠାବାଡି ନିର୍ମାଣ – ୪୦ କୋଟି ଟଙ୍କା
- ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ –୧୨ କୋଟି ଟଙ୍କା
- ଅଣ-ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ - ୧୫ କୋଟି ଟଙ୍କା

- ରାସ୍ତା ଓ ପୋଲର ରକ୍ଷଣାବେକ୍ଷଣ - ୬୭.୯୪ କୋଟି ଟଙ୍କା
- ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ- ୧୫୦ କୋଟି ଟଙ୍କା
- ସ୍ୱାସ୍ଥ୍ୟକେନ୍ଦ୍ର ରକ୍ଷଣାବେକ୍ଷଣ- ୧୨କୋଟି ୮୭ ଲକ୍ଷ ଟଙ୍କା
- ଅଙ୍ଗନବାଡି କେନ୍ଦ୍ର ରକ୍ଷଣାବେକ୍ଷଣ- ୪୫ କୋଟି ଟଙ୍କା
- ପଶୁଧନ ଚିକିତ୍ସାକେନ୍ଦ୍ର ରକ୍ଷଣାବେକ୍ଷଣ- ୫ କୋଟି ଟଙ୍କା